

ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
-ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ବସ୍‌ରୁ ଗଞ୍ଜେଇ ଜବତ, ୨ ଅଟକ

କୋରାପୁଟ,୧୧।୧୨(ସ୍ୱ.ପ୍ର.): ଜୟପୁରରୁ ଭୁବନେଶ୍ୱର ଯାଉଥିବା ଜ୍ୟୋତି ନାମକ ଏକ ଘରୋଇ ବସ୍‌ରୁ ସୋମବାର ରାତିରେ କୋରାପୁଟ ଟାଉନ ଥାନା ପୋଲିସ ଦୁଇଟି ବ୍ୟାଗ ଗଞ୍ଜେଇ ଜବତ କରିଛି। ଥାନା ଅଧିକାରୀ କ୍ଷିରେଶ୍ୱର ସାହୁଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସର ଦୁଇଟି ଦଳ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଓ ବିଶ୍ୱାସ ମାର୍କେଟସ୍ଥିତ ୨୬ ନମ୍ବର ଜାତୀୟ ରାଜପଥରେ ଅପେକ୍ଷା କରି ରହିଥିଲେ। ବସ୍ କୋରାପୁଟ ବିଶ୍ୱାସରାୟ ମାର୍କେଟ କଂପ୍ଲେକ୍ସ ସମ୍ମୁଖ ଜାତୀୟ ରାଜପଥରେ ଅଟକିବା କ୍ଷଣି ପୋଲିସ ଗାଡ଼ିରେ ପଶି ତଲାସି ନେଇଥିଲା। ବସ୍ ଭିତରୁ ୨ଟି ବ୍ୟାଗ୍‌ରେ ଗଞ୍ଜେଇ ମିଳିଥିଲା। ଏଥିରେ ସଂପୃକ୍ତ ଥିବା ଜୟପୁର ଅଞ୍ଚଳର ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଏହି ଦୁଇଜଣ ଜୟପୁର ଗାନ୍ଧି ଛକରୁ ବସ୍‌ରେ ଚଢ଼ିଥିଲେ।

### ଯୋଜନା କାର୍ଯ୍ୟ ତଦାରଖ କଲେ ବିଡିଓ

ନନ୍ଦପୁର,୧୧।୧୨(ଡି.ଏନ୍.ଏ.): ବିଡିଓ କୈଳାସ ଚନ୍ଦ୍ର ଶିଆଳ ନନ୍ଦପୁର ବ୍ଲକ ଥିବା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ସେଠାରେ ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଚାଲିଥିବା କାମ ତଦାରଖ କରିଥିଲେ। ସାତସିମିଳି, ପରଟା, ଥିବା ଗ୍ରାମରେ ଅଦ୍ଧନିର୍ମିତ ଆବାସ ଘର, ଆମ ଗାଁ ଆମ ବିକାଶ ଯୋଜନାରେ ହେବାକୁ ଥିବା ଗୋଷ୍ଠୀକେନ୍ଦ୍ର, ସାଂସ୍କୃତିକ ଗୃହ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ହିତାଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରଟା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଅତି ନିମ୍ନମାନର ନିର୍ମାଣ କରାଯାଇଛି। ଏହାସହ କଲଭର୍ଟରେ ବାଲି, ସିମେଣ୍ଟ, ମେଟାଲ ପରିବର୍ତ୍ତେ ମାଟି ଭର୍ତ୍ତିକରି ଉପରେ ନାମକୁ ମାତ୍ର ସିମେଣ୍ଟ ଲଗାଯାଇଛି ବୋଲି ପରଟା ଗ୍ରାମବାସୀ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ଉପରୋକ୍ତ କାର୍ଯ୍ୟସ୍ଥଳ ଅନୁଧାନ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହି ଗସ୍ତ ବେଳେ ବିଡିଓଙ୍କ ସହ ଜିପିଟିଏ ଶର୍ମିଷ୍ଠା ବେହେରା ଉପସ୍ଥିତ ଥିଲେ।

### ଡକାୟତି ମାମଲାର ମାଷ୍ଟର ମାଇଣ୍ଡ ଗିରଫ



ବୋରିଗୁମ୍ମା,୧୧।୧୨(ଡି.ଏନ୍.ଏ.): ବୋରିଗୁମ୍ମା ପୋଲିସ ବିଭିନ୍ନ ଡକାୟତି ମାମଲାରେ ଅଭିଯୁକ୍ତ ଥିବା ସିମନ ନାଗ ଓରଫ ଟୁନା ହରିଜନ (୩୦)ଙ୍କୁ ଗିରଫ କରିଛି। ତାଙ୍କ ଘର ନବରଙ୍ଗପୁର ଜିଲା ବିକ୍ରମପୁର ଗ୍ରାମ। ୨୦୧୬ ଡିସେମ୍ବର ୩୧ରେ କୋଟପାଡ଼ର ବୀରେନ୍ଦ୍ର ଷଡ଼ଙ୍ଗୀଙ୍କ ଘରୁ ବହୁ ପରିମାଣର ଟଙ୍କା ସୁନା ଚୋରି ଅଭିଯୋଗ ହୋଇଥିଲା। କେସ୍ ନଂ ୧୮୦/୨୦୧୬ରେ ଏହି ମାଲାର ତଦନ୍ତ ଚାଲିବା ସହ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଘଟଣାର ମାଷ୍ଟର ମାଇଣ୍ଡ ଥିଲେ ଟୁନା। ସେହିପରି କେସ୍ ନଂ ୬୬/୨୦୧୪, ୬୬/୨୦୧୪ ମାମଲାରେ ଟୁନାଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସକୁ ପ୍ରମାଣ ମିଳିଥିଲା। ଗିରଫ ହେବା ପରେ ଟୁନାଙ୍କଠାରୁ ଲାପଟପ୍, ବୁଲେଟ୍, ପଲସର ବାଇକ ଜବତ ହୋଇଛି। ପୋଲିସ ଏସ୍‌ଆଇ କରୁଣାକର ଧାରୁଆ ମାମଲାର ଅଧିକ ତଦନ୍ତ ଚଳାଇଥିବା ବେଳେ ଏସ୍‌ଆଇ ଅନସୂୟା ନାୟକ ତଦନ୍ତରେ ସହଯୋଗ କରୁଛନ୍ତି।

### ବାଇକରୁ ପଡ଼ି ଯୁବକ ଗୁରୁତର

ଚନ୍ଦାହାଣ୍ଡି, ୧୧।୧୨(ଡି.ଏନ.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର କନ୍ଦିଓଡା ଗ୍ରାମର ଗଣେଶ ନାୟକ(୨୦) ବାଇକରୁ ପଡି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଚନ୍ଦାହାଣ୍ଡି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗଣେଶ ଚନ୍ଦାହାଣ୍ଡି ଆସି ଔଷଧ କିଣି ଦ୍ରୁତଗତିରେ ବାଇକ ଯୋଗେ ଘରକୁ ଫେରୁଥିଲେ। କଲେଜ ଛକ ପାଖରେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚନ୍ଦାହାଣ୍ଡି ଡାକ୍ତରଖାନା ନିଆଯାଇଥିଲା। ଏଏସଆଇ ଗୁଣନିଧି ସାହୁ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରି ଘଟଣା ଅନୁସନ୍ଧାନ କରୁଛନ୍ତି।

# ପଡ଼ିଛି ହଜାର ହଜାର କୁଇଣ୍ଟାଲ ଧାନ

କୁନ୍ଦୁରା,୧୧।୧୨(ଡି.ଏନ୍.ଏ.)



ମଣ୍ଡିରେ ପଡିରହିଛି ଧାନ।

- ଆଗେଇପାରୁନି ଧାନକିଣା
- ସହଯୋଗ କରୁନାହାନ୍ତି ମିଲ୍ ମାଲିକ, କ୍ରୟକାରୀ ସଂସ୍ଥା
- ହାତ ଉଧାରିରେ ତାରପୋଲିନ କିଣି ଧାନ ଘୋଡ଼ାଉଛନ୍ତି ଚାଷୀ

କୋରାପୁଟ ଜିଲାରେ ମାସକ ତଳୁ ଖରିଫ୍ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଶାସନର ଅବହେଳା ଯୋଗୁ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଛି। ଲଘୁଚାପ ଯୋଗୁଁ ଝିପିଝିପି ବର୍ଷାରେ ଏସବୁ ଭିଜିଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ମିଲ୍ ମାଲିକ ଓ କ୍ରୟକାରୀ ସଂସ୍ଥାର ଅସହଯୋଗ ଫଳରେ ଧାନକିଣା ଆଗେଇ ପାରୁନାହିଁ।

କୁନ୍ଦୁରା ବ୍ଲକ ଅଧୀନରେ ୮ଟି ସାପ୍ତାହିକ ଧାନମଣ୍ଡି ଥିବାବେଳେ ଡଙ୍ଗରପାଉଁଶି, କୁନ୍ଦୁରା, ଦିଗାପୁର, ଲିମା ଭଳି ଅଧିକ ଧାରଣ କ୍ଷମତା ରଖୁଥିବା ମଣ୍ଡିରେ ପଡ଼ିରହିଥିବା ହଜାର ହଜାର କୁଇଣ୍ଟାଲ ଧାନ ଏବେ ଲଘୁଚାପ ବର୍ଷାରେ ଭିଜିଛି। ଧାନ ଘୋଡ଼ାଇବା ପାଇଁ ନିୟନ୍ତ୍ରିତ ବଜାର କମିଟି ଆବଶ୍ୟକ ତାରପୋଲିନ ଯୋଗାଇ ପାରୁନଥିବା ବେଳେ ଚାଷୀ ହାତ ଉଧାରିରେ ତାରପୋଲିନ କିଣି ଧାନ ଘୋଡ଼ାଉଛନ୍ତି। ଖରିଫ ଏବଂ ରବି ଋତୁରେ ଧାନ ମଣ୍ଡିର ତଦାରଖ ଦାୟିତ୍ୱ ନିୟନ୍ତ୍ରିତ ବଜାର କମିଟି ହାତରେ ଥିଲେ ମଧ୍ୟ କିଛି ତଳିଆ କର୍ମଚାରୀଙ୍କୁ ମଣ୍ଡିସ୍ଥଳରେ ଛାଡ଼ିଦେଇ ବାବୁମାନେ ଆରାମରେ ବସିରହିଛନ୍ତି। ଚାଷୀଙ୍କଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ନିୟନ୍ତ୍ରିତ ବଜାର କମିଟି ପାଉଥିଲେ ମଧ୍ୟ କୌଣସି ସ୍ଥାନରେ ସେମାନଙ୍କ ପାଇଁ ସ୍ଥାୟୀ ମଣ୍ଡି ନିର୍ମାଣ ହୋଇପାରୁ ନାହିଁ। ଗତ ୨୭ ନଭେମ୍ବରରେ କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶିରେ ଜିଲାପାଳଙ୍କ ତଦାରଖରେ ଉପଜିଲାପାଳ ଲୋକନାଥ ଦଳବେହେରା ଏବଂ ଜିଲା ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଧାନମଣ୍ଡିର ଶୁଭାରମ୍ଭ କରାଯାଇଥିଲା। ଉକ୍ତଦିନ ୨୫୦ କୁଇଣ୍ଟାଲ ଧାନ କିଣିବା ପରେ ପ୍ରଶାସନ ଶୋଇ ପଡ଼ିଛି। ଗତ ଦିନରେ ମିଲ୍ ମାଲିକମାନେ ମଣ୍ଡିରେ ବେଆଇନ ହସ୍ତକ୍ଷେପ କରି ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ରୁ ୫ କେଜି ପର୍ଯ୍ୟନ୍ତ ଧାନ କାଟିନେବାକୁ ବିରୋଧ କରାଯାଇଛି। ଇତି ମଧ୍ୟରେ ଥରେ ଦୁଇଥର ଚାଷୀଙ୍କ ସହ ଉପଜିଲାପାଳ ଧାନକିଣା ନେଇ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଛି। ମୁଲଚାଲକୁ ବିରୋଧ କରି ମିଲର୍ସମାନଙ୍କ ସହ ଆଲୋଚନା କରୁନାହାନ୍ତି ଚାଷୀ। ୧୫ ଦିନ ଭିତରେ ରବି ଋତୁ ପାଇଁ ଚାଷକାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଧାନ ବିକ୍ରି ହୋଇ ନପାରିବା ଯୋଗୁ ଚାଷୀଙ୍କ ସ୍ଥିତି ଅସମ୍ଭାଳ। ଗତ ରବି ଋତୁରେ କଳାହାଣ୍ଡି ମିଲର୍ସ ମାଲିକଙ୍କ ଦ୍ୱାରା ସମସ୍ତ ଧାନ ନିଆଯାଇଥିବା ବେଳେ ଚାଷୀ ପ୍ରଶାସନକୁ କୃତଜ୍ଞତା ଜଣାଇ ଚଳିତ ବର୍ଷ ମଧ୍ୟ ଉକ୍ତ ମିଲର୍ସମାନଙ୍କୁ ସାମିଲ କରାଯାଉ ବୋଲି ଲିଖିତ ଭାବେ ଜଣାଇଛି। ମଙ୍ଗଳବାର ସନ୍ଧ୍ୟାରେ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଯୋଗାଣ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ, ଲ୍ୟାମ୍ପ ପରିଚାଳକ ଓ ଶତାଧିକ ଚାଷୀଙ୍କ ମଧ୍ୟରେ ଧାନ ଉଠାଯିବା ନେଇ ଆଲୋଚନା ହୋଇଛି।

# ୟୁଜିବି କର୍ମଚାରୀ ସଂଘ ଧାରଣା

ଜୟପୁର,୧୧।୧୨(ଡି.ଏନ୍.ଏ.)

ଜୟପୁରସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି)ର ଆଞ୍ଚଳିକ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀ ସଂଘ ବିଭିନ୍ନ ଦାବି ନେଇ ମଙ୍ଗଳବାର ଧାରଣାକୁ ଓହ୍ଲାଇଛନ୍ତି। ସର୍ବଭାରତୀୟ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ୟୁଜିବିର କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଧାରଣା ଦେଇଥିଲେ। କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପେନସନ ଲାଗୁ, ବାଣିଜ୍ୟିକ ବ୍ୟାଙ୍କ ଭଳି ପଦୋନ୍ନତି ନିୟମ କାର୍ଯ୍ୟକାରୀ, ଅନ୍ୟ ଭତ୍ତା ଓ ସୁବିଧା, ଘରୋଇକରଣ ବନ୍ଦ ଭଳି ଦାବି ରହିଥିଲା। ଆସନ୍ତା ୨୬ରେ ଦିଲ୍ଲୀରେ ଧାରଣା ଏବଂ ଜାନୁୟାରୀ ୮ ଓ ୯ ତାରିଖ ସର୍ବଭାରତୀୟ ଶ୍ରମିକ ଓ କର୍ମଚାରୀ ସଂଘଙ୍କ ଧାରଣା କରାଯିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏହି ଧାରଣାରେ କର୍ମଚାରୀ ସଂଘ ସଭାପତି ସତ୍ୟନାରାୟଣ ମିଶ୍ର, ମଣ୍ଡଳ ସଂପାଦକ ରୋହିତ ପଟ୍ଟନାୟକ, ଦିପକ ଭଟ୍ଟାଚାର୍ଯ୍ୟ, ଜଗବନ୍ଧୁ ପିଟିଆ, ବିଶ୍ୱନାଥ ପ୍ରଧାନ, ବିଦ୍ୟାଧର ଦିଶାରୀ, ସୁଜିତ ସାହୁ, ଦୁର୍ଯ୍ୟୋଧନ ରାଉତ, କୈଳାସ ପୂଜାରୀ, ଦେବେନ୍ଦ୍ର ବିଶୋୟୀ, ଅବସରପ୍ରାପ୍ତ କର୍ମଚାରୀ ବାବ୍‌ଜୀ ସିଂ, ପ୍ରହ୍ଲାଦ ପାତ୍ର ଓ ବିଜୟ ପଣ୍ଡା ଯୋଗ ଦେଇଥିଲେ।




ବ୍ୟାଙ୍କ କର୍ମଚାରୀ ସଂଘ ସଦସ୍ୟ ଧାରଣାରେ ବସିଛନ୍ତି।



'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

- କୁନ୍ଦୁରାରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

# ୧୬ ପଞ୍ଚାୟତକୁ ୪ କୋଟି ୧୫ ଲକ୍ଷ ମଞ୍ଜୁର

କୁନ୍ଦୁରା,୧୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ନିକଟରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଏବିଡିଓ ମାଧୁରୀ ଆଚାରୀ, ବିଜେଡି ନେତ୍ରୀ ପଦ୍ମିନୀ ଦିଆନ, ବ୍ଲକ ବିଜେଡି ସଭାପତି ସଞ୍ଜୟ ସାହୁ, ବ୍ଲକ କଂଗ୍ରେସ ସଭାପତି ତ୍ରିପତି ଗୁରୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମାଳତୀ ମାଝି, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଉପାଧ୍ୟକ୍ଷା ପଦ୍ମା ହରିଜନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତି ପଞ୍ଚାୟତକୁ ମିଶାଇ ୪ କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମହିଳା ସ୍ୱୟଂ ସହାୟକ ସଂଘ ଓ ଯୁବଗୋଷ୍ଠୀଙ୍କ ପାଇଁ ଗୋଷ୍ଠୀକେନ୍ଦ୍ର, ଭାଗବତ ଟୁଙ୍ଗୀ ପାଇଁ ସଂସ୍କୃତି କେନ୍ଦ୍ର ମଞ୍ଜୁର ହୋଇଛି।

### ୨ ବର୍ଷ ପରେ ନାବାଳିକା ବଳାତ୍କାରୀ ଗିରଫ

ଜୟପୁର,୧୧।୧୨(ଡି.ଏନ୍.ଏ.)

ବଳାତ୍କାର ମାମଲାରେ ୨ ବର୍ଷ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରିଛି ଜୟପୁର ମହିଳା ଥାନା। ଅଭିଯୁକ୍ତ ହେଲେ ବୋରିଗୁମ୍ମା ଥାନା ଗାଣ୍ଡାଗୁଡା ଗ୍ରାମର ରଘୁନାଥ ଭୂମିଆ (୨୬)। ମା'ଙ୍କ ମୃତ୍ୟୁ ପରେ ଗାଁକୁ କିଛିଦିନ ତଳେ ଅଭିଯୁକ୍ତ ଫେରିଥିବା ବେଳେ ପୋଲିସ ଖବର ପାଇ ଚଢ଼ାଉ କରିବା ସହ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରଘୁନାଥ ୨୦୧୬ରେ ବୋରିଗୁମ୍ମା ଥାନା କନ୍ଦ୍ରିଗୁଡ଼ା ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିଲେ ଏବଂ ପରେ ତାଙ୍କୁ ଘରେ ଛାଡ଼ିଦେଇଥିଲେ। ନାବାଳିକାଙ୍କ ପିତା ମହିଳା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଦଫା ୩୬୩, ୩୭୬ (୨)(ଆଇ)(ଏନ୍) ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

- ଗିରିଜନ ବିକାଶ ପରିଷଦର ବୈଠକ

# ଉଠିଲା ଆଦିବାସୀ ମାନ୍ୟତା ଦାବି

ନନ୍ଦପୁର,୧୧।୧୨(ଡି.ଏନ୍.ଏ.)

ନନ୍ଦପୁର ସଦର ସ୍ଥିତ ସର୍ବେଶ୍ୱର ମନ୍ଦିରରେ ମଙ୍ଗଳବାର ଦକ୍ଷିଣ ଓଡ଼ିଶା ଗିରିଜନ ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦର ଅବିଭକ୍ତ କୋରାପୁଟ ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆନ୍ଧ୍ରପ୍ରଦେଶରେ ଅନୁସୂଚିତ ଜାତି ଓ ପଛୁଆ ବର୍ଗର ଲୋକ ମଧ୍ୟ ଅନୁସୂଚିତ ଜନଜାତି ତାଲିକାଭୁକ୍ତ ରହିଛନ୍ତି। କିନ୍ତୁ ଓଡ଼ିଶାରେ ଏହା ଲାଗୁ ହୋଇଥିଲେ ମଧ୍ୟ ପରେ ପ୍ରତ୍ୟାହାର କରିନିଆ ଯାଇଥିଲା। ଏଥିପାଇଁ ଦକ୍ଷିଣ ଓଡ଼ିଶା ଗିରିଜନ ବିକାଶ ପରିଷଦ ଗଠନ କରାଯାଇ ପୁନର୍ବାର ଅନୁସୂଚିତ ଜାତି ଓ ପଛୁଆ ବର୍ଗର ଲୋକଙ୍କୁ ଆଦିବାସୀ ତାଲିକାଭୁକ୍ତ କରି ସମସ୍ତ ସୁବିଧା ଉପଲବ୍ଧ କରାଇବା ଲକ୍ଷ୍ୟରେ ସଂଗ୍ରାମ ଆରମ୍ଭ କରାଯାଉଥିବା ଆଲୋଚନା ହୋଇଥିଲା। ବୈଠକରେ ପରିଷଦର କର୍ମକର୍ତ୍ତା ଶଙ୍କର ଦୁରିଆ, ଗିରିଧର ଖରା, ଜଗନ୍ନାଥ ପାଙ୍ଗି, ଉଦିତ ଖୋସ୍ଲା, ଭଦ୍ର ପୂଜାରୀ, ଗୋପାଳକୃଷ୍ଣ ବେବର୍ତ୍ତା, ଅନକାମ ନାୟକ, ମାଧବ ଖିନବୁଡି, କାମେଶ କାମୁଡି, ଗୋପାଳ ମାଟମ, ସୁରେନ୍ଦ୍ର ଖେମୁଣ୍ଡୁ, ଅନ୍ତର୍ଯ୍ୟାମୀ ଗୁଣ୍ଡା, କାମୟା ପାଙ୍ଗି, ଟଙ୍କଧର ଖରା, ଦିବାକର ଭତରା, ପୂର୍ଣ୍ଣ ପାଲି, ସୁନାଧର ନାୟକ, ଧନୁର୍ଜୟ ମାଝୀ, ଶମ୍ଭୁ ପ୍ରସାଦ ଅନୁଗୁଳିଆ ଉପସ୍ଥିତ ଥିଲେ।




ଗିରିଜନ ବିକାଶ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



ସେମିଳିଗୁଡ଼ା ପ୍ରେସ୍ କ୍ଲବ ବାର୍ଷିକ ସମାରୋହରେ ସମ୍ମାନ ପ୍ରଦାନ କରୁଛନ୍ତି ଅତିଥିମାନେ।

### ପ୍ରେସ୍ କ୍ଲବର ବାର୍ଷିକ ସମାରୋହ

ସେମିଳିଗୁଡ଼ା/ସୁନାବେଡ଼ା, ୧୧।୧୨(ସ୍ୱ.ପ୍ର.)

ସେମିଳିଗୁଡ଼ା ପ୍ରେସ୍ କ୍ଲବ୍‌ର ଅଷ୍ଟାଦଶ ବାର୍ଷିକ ସମାରୋହରେ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ହାଲ୍ ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ, ନାଲକୋ ମହାପ୍ରବନ୍ଧକ ରାଜୀବ ମିଶ୍ର, ସୁନାବେଡ଼ା ପୌରାଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ରାଜେଶ ପାଢ଼ି, କୃଷ୍ଣ ସିଂ ଯୋଗ ଦେଇଥିଲେ। ଓମ୍ ପ୍ରକାଶ ମିଶ୍ରଙ୍କୁ କୋରାପୁଟ ଗୌରବ, ରାକେଶ ପାଢ଼ିଙ୍କୁ ପ୍ରେସ୍ ଗୌରବ, ବାସୁଦେବ ବରାଡ଼ଙ୍କୁ ଆମ ପ୍ରିୟ ସାମ୍ବାଦିକ, ସରଳା ବେହେରାଙ୍କୁ ପ୍ରେସ୍ ସାରସ୍ୱତ, ମନୋଜ ପଟ୍ଟନାୟକଙ୍କୁ ପ୍ରେସ ପ୍ରତିଭା, ନାରାୟଣ ହଳଦୀପଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଛି।

# ପଞ୍ଚାୟତ ସମିତି ବୈଠକ: ଅନୁମୋଦିତ କାମ କାର୍ଯ୍ୟକାରୀ ହେଉନି



ପଞ୍ଚାୟତ ସମିତି ବୈଠକ ପରେ ବିଧାୟକ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରୁଛନ୍ତି।

ସେମିଳିଗୁଡ଼ା,୧୧।୧୨(ଡି.ଏନ୍.ଏ.)

ସେମିଳିଗୁଡ଼ା ବ୍ଲକରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ୧୭ଟି ପଞ୍ଚାୟତର ପଲ୍ଲିସଭା ଓ ଗ୍ରାମସଭାରେ ଅନୁମୋଦନ ପାଇଥିବା କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇନଥିବା ଗ୍ରାମର ସରପଞ୍ଚ ଓ ସମିତିସଭ୍ୟମାନେ ବୈଠକରେ ଅଭିଯୋଗ ଆଣିଛନ୍ତି। ଗ୍ରାମପଞ୍ଚାୟତ ଅଧିକାରୀ ଦେବେନ୍ଦ୍ର କୁମାର ମିସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଅନେକ ସ୍କୁଲରେ ଶିକ୍ଷକମାନେ ଉପସ୍ଥିତ ରହୁନଥିବା ଓ କେତେକ ସ୍ଥାନରେ ଶିକ୍ଷକ ଅଭାବ ସମସ୍ୟା କଥା ବୈଠକରେ ଉଠିଥିଲା। ଶେଷରେ ବିଜୁ ଯୁବ ବାହିନୀର ୧୭ଟି ପଞ୍ଚାୟତ ପାଇଁ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ ବିଧାୟକ।

# ୬ ଦଫା ଦାବି ନେଇ ଚାଷୀଙ୍କ ଧାରଣା

ଜୟପୁର,୧୧।୧୨(ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ୬ ଦଫା ଦାବି ନେଇ ଚାଷୀମାନେ ଧାରଣା ଦେଇଛନ୍ତି। ନବ ନିର୍ମାଣ କୃଷକ ସଂଗଠନ ଓ କୃଷକ କଲ୍ୟାଣ ମଞ୍ଚ କୋରାପୁଟ ପକ୍ଷରୁ ଏହି ଧାରଣା ଦିଆଯାଇଥିବା ବେଳେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ସହ ବହୁ ଚାଷୀ ଧାରଣାରେ ବସିଥିଲେ। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ, ସାମାଜିକ ସୁରକ୍ଷା ଭତ୍ତା ପାଇଁ ବାରମ୍ବାର ଦାବିପତ୍ର, ବିକ୍ଷୋଭ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହି ଦାବି ନେଇ ୧୦ ଦିନ ହେଲା ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆମରଣ ଅନଶନରେ ବସିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ ବ୍ୟବସ୍ଥା, ମାସିକ ୫ ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା, କୃଷି ଋଣ ଛାଡ, କୃଷକ ଆତ୍ମହତ୍ୟା ରୋକିବା, ଚାଷକୁ ଜଳସେଚନର ବ୍ୟବସ୍ଥା, ଏକର ପିଛା ୨୦ କୁଇଣ୍ଟାଲ ଓ ପ୍ରତ୍ୟେକ ମଣ୍ଡି ଦିବସରେ ୪ ହଜାର କୁଇଣ୍ଟାଲ ଧାନ କିଣାଯିବା ବ୍ୟବସ୍ଥା, ଏଫ୍‌ଏକ୍ୟୁ ନାଁରେ ଚାଷୀଙ୍କଠାରୁ ଆଦାୟ କରାଯାଉଥିବା ପିସି ବନ୍ଦ କରିବା ଭଳି ଦାବି ରହିଛି।




ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ଚାଷୀ।

- ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀକୁ ବେଖାତିର

# ମଣ୍ଡିରେ କାଟ୍ ଖାଇ କିଣା ହେଉଛି ଧାନ

ଜୟପୁର,୧୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ମଣ୍ଡି ଆରମ୍ଭ ହେବାର ଏକ ମାସ ପରେ ଧାନକିଣା ଆରମ୍ଭ ହୋଇଛି। ଏନେଇ ଚାଷୀ ଓ ମିଲ ମାଲିକ ସଂଘ ମୁହାଁମୁହିଁ ହୋଇଛନ୍ତି। ଚାଷୀମାନେ ଧାନକୁ ବିନା ଯାଞ୍ଚ ଏବଂ ଡଳେଇ କରାଯାଇ କିଣିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ବିନା ଯାଞ୍ଚ ଓ ଡଳେଇରେ କଷ୍ଟମ ମିଲିଂ ପାଇଁ ଧାନ ଗ୍ରହଣ ନ କରିବାକୁ ମିଲ ମାଲିକ ଜିଦ୍ କରିଥିଲେ। ଶେଷରେ ପ୍ରଶାସନ ଗତ ଗୁରବାର ମିଲ ମାଲିକ ଏବଂ ଶୁକ୍ରବାର ଚାଷୀଙ୍କ ସହ ଆଲୋଚନା କରିଥିଲା। ଶୁକ୍ରବାରରୁ କେତେକ ମଣ୍ଡିରେ ଧାନ ଉଠିବା ଆରମ୍ଭ ହୋଇଥିଲେ ସୁଦ୍ଧା ବିନା କାଟରେ ଉଠାଯାଉ ନ ଥବା ଅଭିଯୋଗ ହେଉଛି। କୁଇଣ୍ଟାଲ ପିଛା ୧୦ରୁ ୧୫ କିଲୋଗ୍ରାମ କଟାଯାଉଥିବା ରାଜ୍ୟ କଂଗ୍ରେସ ଅଭିଯୋଗ କରିଥିଲା। ଯୋଗାଣ ବିଭାଗ ତତ୍ପର ହେବା ସହ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଧାନ କାଟ୍ ପାଇଁ ସଂପୃକ୍ତ ମିଲର୍ସ, କ୍ରୟକାରୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ କୋରାପୁଟ ଜିଲାର ମଣ୍ଡିରେ କୁଇଣ୍ଟାଲ ପିଛା ୨ରୁ ୩ କିଲୋଗ୍ରାମ ଧାନ କାଟି କିଣାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ନେତା ବୋଲାଉଥିବା କେତେକ ଦଲାଲ ପ୍ରଥମରୁ ଏହିପରି ବିବାଦ କରି ନିଜ ଧାନକୁ ବିନା କାଟ୍‌ରେ ମିଲ ମାଲିକ ଓ ପ୍ରଶାସନ ସହ ସଲସୁତରାରେ ବିକ୍ରି କରୁଥିବା କେତେକ କ୍ଷୁଦ୍ର ଚାଷୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଜୟପୁର ବ୍ଲକର ଅନ୍ତା ଗ୍ରାମ ମଣ୍ଡିରେ ୧୧ ଚାଷୀ ୪୪୧ କୁଇଣ୍ଟାଲ, କଙ୍ଗାରେ ୨୬ ଜଣଙ୍କ ଏକ ହଜାର କୁଇଣ୍ଟାଲ, ହାଡିଆରେ ୨୪ଜଣଙ୍କ ୯୯୮ କୁଇଣ୍ଟାଲ, ବୋରିଗୁମ୍ମା ବ୍ଲକ ବିଜାପୁରରେ ୧୩ ଜଣଙ୍କ ଚାଷୀଙ୍କ ୫୧୭ କୁଇଣ୍ଟାଲ, ବୈପାରୀଗୁଡ଼ା ବ୍ଲକ ଦଶମନ୍ତପୁରରେ ୧୭ ଜଣ ଚାଷୀଙ୍କ ୮୩୮ କୁଇଣ୍ଟାଲ, କୋଟପାଡ ବ୍ଲକ ବଟାସନାର ୧୭ ଜଣ ଚାଷୀଙ୍କ ୭୭୨, କୁସୁମିର ୨୪ ଜଣଙ୍କ ୯୯୩, ଏସ.ବି. ନୂଆଗାଁ ୨୦ ଜଣଙ୍କ ଏକ ହଜାର କୁଇଣ୍ଟାଲ, ଛିତ୍ରାରେ ୧୦ ଜଣଙ୍କ ୯୮୨ କୁଇଣ୍ଟାଲ କିଣାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଡିସେମ୍ବର ୧୨/୨୦୧୮ Rayagada, Wednesday, December 12/ 2018

## ସଂକ୍ଷେପରେ

### ୨ ଅଭିଯୁକ୍ତ ଗିରଫ



ମାଲକାନଗିରି,୧୧।୧୨(ଡି.ଏନ.ଏ.)- ଏକ ହତ୍ୟା ମାମଲାରେ ଜଡିତ ୨ଅଭିଯୁକ୍ତଙ୍କୁ ମାଲକାନଗିରି ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଉଛନ୍ତି ଓର୍‌କେଲ ଥାନା ଅନ୍ତର୍ଗତ ନୂଆଗୁଡା ଗ୍ରାମର ପଦ୍ମଖରା (୨୨) ଓ ପରଜାଗୁଡା ଗ୍ରାମର ରବିନ୍ଦ୍ର କିର୍ଷ୍ଣାନି (୨୧)। ହତ୍ୟାର ଶିକାର ହୋଇଥିବା ବୁଦୁ କିର୍ଷ୍ଣାନି ବାଲିମେଳା ପାୱାର ହାଉସ୍‌ରେ ଚାକିରି କରି ଅବସର ଗ୍ରହଣ କରିଥିଲେ । ତାଙ୍କ ୨ ସ୍ତ୍ରୀ ବୁଦାଇ କିର୍ଷ୍ଣାନି ଓ ମଙ୍ଗୁଳି କିର୍ଷ୍ଣାନି ଥିଲେ। ଉଭୟଙ୍କ ସହ ବୁଦୁ ପରଜାଗୁଡାରେ ରହୁଥିଲେ । ବୁଦୁ ଅବସର ପରେ ତାଙ୍କର ୬ ହଜାର ପେନ୍‌ସନ ଟଙ୍କା ଏବଂ ସଞ୍ଚିତ ଅର୍ଥ ଦ୍ୱିତୀୟ ସ୍ତ୍ରୀ ପାଉଥିଲେ। ପ୍ରଥମ ସ୍ତ୍ରୀ ବୁଦାଇ ଏବଂ ତାଙ୍କ ପିଲାମାନେ ବାପାଙ୍କ ମୃତ୍ୟୁ ପରେ ମଧ କିଛି ପାଇ ନ ଥିଲେ । ଫଳରେ ସେମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏଥିରୁ ଏହି ହତ୍ୟା ଘଟଣା ସୃଷ୍ଟି ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସପି ଏକ ସ୍କ୍ୱାଡ ଗଠନ କରିଥିଲେ। ଖବରଦାତା ସମ୍ମିଳନୀରେ ଏମ. ଶ୍ରବଣ ବିବେକ, ଡିଏସପି ଦିଲୀପ୍ କୁମାର ଦାସ, ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଉପସ୍ଥିତ ଥିଲେ।

# ବୈଠକ ବର୍ଜନ କଲେ ସରପଞ୍ଚ,ସମିତି ସଭ୍ୟ

କୋରୁକୋଣ୍ଡା,୧୧।୧୨

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବିଡିଓ ସିଏ ସିପକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପଡିଆମିଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ସଭା ଆରମ୍ଭ ପରେ କେତେକ ସମିତି ସଭ୍ୟ ଓ ସରପଞ୍ଚ ସେମାନଙ୍କ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର



ବୈଠକ ବର୍ଜନ କରି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଉଛନ୍ତି ଜନପ୍ରତିନିଧି ।

କାର୍ଯ୍ୟ ସମ୍ପର୍କରେ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ଅବଗତ କରାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସେମାନେ ବୈଠକ ବର୍ଜନ କରିଥିଲେ । ବିଡିଓ ପାତ୍ର କହିଥିଲେ ଯେ, ବୈଠକର ବିଭିନ୍ନ ଆଲୋଚନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି । ମାତ୍ର ମୋତେ କୌଣସି କାର୍ଯ୍ୟ ସମ୍ପର୍କରେ କେହି ଲିଖିତ ଅଭିଯୋଗ କରିନାହାନ୍ତି। ସମସ୍ତଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରାଯାଉଛି। ଡୁମୁସାପାଲି ସମିତିସଭ୍ୟା ହରପ୍ରିୟା ନିଲା, କାମୱାଡାର ମମତା ନାୟକ, ତାର୍ଲାକୋଟାର ଜୟ ମଣ୍ଡଳ, ଢୁଡାମେଟାର ମଲିକା ରାୟ, ନାକାମାମୁଡିର ମାଧବ ମାଡି, ନିକାକମେରୁର ବନିତା ବବାଲି, ପୋଟ୍ରେଲର ପଦିଆ ପଡିଆମି, ତିତାପାରି- ୩ର ଯମୁନା ବୁରୁଦା, କୋରୁକୋଣ୍ଡାର ଖଗେନ୍ ମମଦୟ, ଚିମ୍‌ଟାପାଲିର ଗୁରୁ ଖରା, ମାରିୱାଡାର ରମା କବାସି ସମିତିସଭ୍ୟଙ୍କ ସହ କେତେକ ସରପଞ୍ଚ ବୈଠକ ବର୍ଜନ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି।

## ଅମଳ ଧାନ ପୋଲିସ ଜିମା ଦେଲେ ତହସିଲଦାର

ଶେରଗଡ, ୧୧।୧୨(ଡି.ଏନ.ଏ.)– ଶେରଗଡ ବ୍ଲକ କରଡାକଣା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗର୍ବଗଣ୍ଡା ଗ୍ରାମରେ ଏକ ବିବାଦମାନ ଜାଗାରୁ ଧାନକଟା ନେଇ ଉପୁଜିଥିବା ସମସ୍ୟାର ସମାଧାନ କରିଛନ୍ତି ତହସିଲଦାର ଡ.ଦୟାସିନ୍ଧୁ ପରିଡା। ମଙ୍ଗଳବାର ତହସିଲଦାର ଗର୍ବଗଣ୍ଡା ଯାଇ ୧୪ ବସ୍ତା ଧାନକୁ ବଡଗଡ ପୋଲିସ ଜିମା ଦେଇଛନ୍ତି। ପ୍ରକୃତ ଜମି କାହାର ସମାଧାନ ହେଲା ପରେ ଧାନ ସମ୍ପୃକ୍ତ ପଟ୍ଟାଦାରଙ୍କୁ ଫେରାଯିବ ବୋଲି ତହସିଲଦାର କହିଛନ୍ତି। ସେଠାରେ ଥିବା ୩ ଏକର ଜମି କୈଳାସ ସାହୁ ୧୯୯୬ରେ ଆଦିବାସୀ ମାନଙ୍କ ଠାରୁ କିଣିଥିଲେ, କୈଳାସଙ୍କ ନାମରେ ପଟା ରହିଛି। ୨୦୦୮ ମସିହାରେ ଉକ୍ତ ଜମି ଆଦିବାସୀ ଜମି ଓ ଜଙ୍ଗଲଜମି ହେତୁ ପୁଣି ଆଦିବାସୀ ମାନଙ୍କୁ ଫେରାଇ ଦେବାକୁ ଉପଜିଲାପାଳ ଭଞ୍ଜନଗରଙ୍କ କାର୍ଯ୍ୟାଳୟରେ ଆଦିବାସୀମାନେ ମାମଲା ଦାଏର କରିଥିଲେ।

## ୧୩ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଗୁଣପୁର ଗସ୍ତ

ଗୁଣପୁର,୧୧।୧୨(ଡି.ଏନ.ଏ)

ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଗୁରୁବାର ଗୁଣପୁର ଅଞ୍ଚଳ ଗସ୍ତ କରିବେ। ସେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୁଣପୁରଠାରେ ଗ୍ରାମ୍ୟଉନ୍ନୟନ ବିଭାଗର ନୂତନ କୋଠା, ଝୁମ୍ପାପୁର, ଖଇରା ଏବଂ ଫୁଲପୁଟି ରାସ୍ତାରେ ବ୍ରିଜ୍ ଉଦ୍‌ଘାଟନ କରିବେ । ସେଠାରୁ ଫେରି ଗୁଣପୁରଠାରେ ମିନି ଷ୍ଟାଡିୟମ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।



ବିଜୟଉତ୍ସବ ବନାଉଛନ୍ତି କଂଗ୍ରେସ କର୍ମୀମାନେ ।

## ଛତିଶଗଡରେ କଂଗ୍ରେସର ବିଜୟକୁ ନେଇ ମାଲକାନଗିରିରେ ବିଜୟ ଶୋଭାଯାତ୍ରା

ମାଲକାନଗିରି,୧୧।୧୨(ଡି.ଏନ.ଏ.)

ସୋମବାର ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଛତିଶଗଡରେ କଂଗ୍ରେସର ବିଜୟକୁ ନେଇ ମାଲକାନଗିରି ଜିଲା କଂଗ୍ରେସ ତରଫରୁ ବିଜୟ ଶୋଭାଯାତ୍ରା ପାଳନ କରାଯାଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବାଜା ବଜାଇ ବାଣ ଫୁଟାଇ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ । ଓଡିଶାରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନରେ କଂଗ୍ରେସ କର୍ମୀମାନେ ଏକ୍‌ଜୁଟ୍ ହୋଇ କାର୍ଯ୍ୟ କରିବା ପାଇଁ ସଭାପତି ପାତ୍ର କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

## ଅଘୋଷିତ ବିଦ୍ୟୁତ କାଟ୍

କୋରୁକୋଣ୍ଡା, ୧୧।୧୨

କୋରୁକୋଣ୍ଡାଠାରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଲୋକେ ହଇରାଣ ହୋଇଛନ୍ତି। ବିଶେଷ କରି କୋରୁକୋଣ୍ଡା ଲ୍ୟାମ୍ପସ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଯାଇଥିଲା । ଫଳରେ ମଣ୍ଡିରେ ଚାଷୀ ଅସୁବିଧା ଭୋଗିଥିଲେ। ବିଏସଏନଏଲର ସମସ୍ତ ମୋବାଇଲ ନେଟୱର୍କ, ଲ୍ୟାଣ୍ଡଲାଇନ ସେବା ବନ୍ଦ ଥିଲା। ବିଦ୍ୟୁତ କାଟ ପୂର୍ବରୁ ସାଧାରଣରେ ଘୋଷଣା କରିବାକୁ ଦାବି ହେଉଛି।

## ଚିତ୍ରକୋଣ୍ଡା: ମାଲ୍ୟବନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଚିତ୍ରକୋଣ୍ଡା,୧୧।୧

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ସଭାଗୃହଠାରେ ଆବାହକ ବି. ଲରିମନ ଖରସେଲଙ୍କ ଅଧ୍ୟକ୍ଷତାରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସିଆରସିସି କୃଷ୍ଣଚନ୍ଦ୍ର ଡାକୁଆ, ଶିକ୍ଷକ ଓ ପିଇଓମାନେ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ୯ରେ କଳସ ଶୋଭାଯାତ୍ରା ହେବ। କ୍ଷୀରୋଦ ବେହେରା, ବିପିଏମ ପର୍ଶୁରାମ ବେହେରା,ଡବ୍ଲୁଓ ଚିତ୍ତରଞ୍ଜନ ବେହେରା, ଜିପିଓ ଧୀରେନ ଖଣ୍ଡାଗିରି ଓ ପରିତୋଷ ମଣ୍ଡଳ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ମଞ୍ଚ ପରିଚାଳନା ଦାୟିତ୍ୱରେ ସମାଜସେବୀ ଦେବେନ୍ଦ୍ର ଦାସ, ରବୀନ୍ଦ୍ର ସେଠୀ ଅଛନ୍ତି। ସମସ୍ତ କାର୍ଯ୍ୟ ବିଭୁ ପାତ୍ର ,ଶିବାଜୀ ବାବୁଙ୍କ ତତ୍ତ୍ୱାବଧାନରେ ହେବାକୁ ନିଷ୍ପତ୍ତି ହୋଇଛି।

## ଟଙ୍କା ନେଣଦେଣକୁ ନେଇ ଆକ୍ରମଣ, ଜଣେ ଗିରଫ

ପଡିଆ,୧୧।୧୨–

ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ଗୋଲାଗୁଡା ଗ୍ରାମରେ ଟଙ୍କା ନେଣଦେଣକୁ ନେଇ ମରଣାତ୍ମକ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୋଲାଗୁଡା ଗ୍ରାମର କୋସୁଲା କ୍ଷେତ୍ରିୟା ସେହି ଗ୍ରାମର ଜଗଦିଶ କ୍ଷେତ୍ରିୟାଙ୍କ ମଧ୍ୟରେ ଟଙ୍କା ଦେଣ ନେଣକୁ ନେଇ ଝଗଡା ହୋଇଥିଲା । ଏଥିରେ ଜଗଦିଶ ଉତ୍ତ୍ୟକ୍ତ ହୋଇ ଏକ ଶାବଳରେ କୋସୁଲାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ପଡିଆ ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେସ୍ ନଂ. ୫୭/୧୮ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଜଗଦିଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ■ ଆତ୍ମସମର୍ପଣ ପରେ

# ଅଟୋ ଚଲାଇ ସ୍ୱାବଲମ୍ବୀ ହୋଇଛନ୍ତି ଭିମା

ମାଲକାନଗିରି,୧୧।୧୨(ଡି.ଏନ.ଏ)

ଦିନ ଥିଲା ମାଓବାଦୀ ନେତା ଭିମା କବାସି ଓ ସ୍ତ୍ରୀ ରୁକ୍‌ମଣି ଆନ୍ଧ୍ର ଓ ଓଡିଶା ପୋଲିସର ନିଦ ହଜାଇ ଦେଇଥିଲେ। ପରେ ବୁଝି ପାରିଥିଲେ ମାଓ ସଙ୍ଗଠନରେ ରହି ତାଙ୍କର ଭବିଷ୍ୟତ ଜୀବନ ନଷ୍ଟ କରୁଛନ୍ତି। ଲୋକଙ୍କ ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି। ଶେଷରେ ଭିମା ଓ ରୁକ୍‌ମଣି ୨୦୧୬ରେ ମାଲକାନଗିରିର ତତ୍କାଳିନ ଏସପି ମିତ୍ରଭାନୁ ମହାପାତ୍ରଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ। । ମାଓବାଦୀ ସଙ୍ଗଠନରେ ଥିବା ବେଳେ ଉଭୟଙ୍କ ନାମରେ ସରକାର ୫ ଲକ୍ଷ ଏବଂ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ଆତ୍ମ ସମର୍ପଣ ପରେ ବର୍ତ୍ତମାନର ଏସପି ଅଭିଷେକ ମୀନା ମହିଳା ଓ ପୁରୁଷ ମାଓବାଦୀଙ୍କୁ ଇଗ୍ନୋରେ ପାଠ ପଢାଇଥିଲେ। ପାଠ ପଢିବା ସହ ଏମାନଙ୍କୁ ସିଲେଇ ଓ ଡ୍ରାଇଭିଂ ତାଲିମ୍ ପ୍ରଦାନ



କରାଯାଇଥିଲା। କୌଣସି ଚାକିରି ନ ମିଳିବାରୁ ଆତ୍ମସମର୍ପଣ କରିଥିବା ୭ ମାଓବାଦୀ ପରିବାର ମାଲକାନଗିରି ସହର ନିକଟ ଗୌଡଗୁଡାରେ ଜଣେ ଜମି ମାଲିକଙ୍କ ଜମି ଭାଗରେ ଚାଷ କରି ଚଳିତ ବର୍ଷ ଭଲ ଅମଳ କରିଛନ୍ତି । ଭିମାଙ୍କୁ ମିଳିଥିବା ସରକାରୀ ଅର୍ଥରେ ଭିମା କହିଛନ୍ତି ଯେ, ମୁଁ ପିଲାବେଳୁ ଜଣେ ଚାଷୀ ପରିବାରର । ଅଟୋ ଚଲାଇ ସେହି ରୋଜଗାରରେ ଆମେ ସପରିବାର ଖୁସିରେ ବଞ୍ଚିବୁ। ମାଓବାଦୀ ସଙ୍ଗଠନରେ ଥିବା ବେଳେ ଦୁନିଆକୁ ଦେଖିପାରୁ ନ ଥିଲୁ । ବର୍ତ୍ତମାନ ଆମେ ସ୍ୱାବଲମ୍ବୀ ହୋଇ ଶାନ୍ତିରେ ଜୀବନଯାପନ କରୁଛୁ ବୋଲି ସେ କହିଛନ୍ତି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ' । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି:**

ଶୀତେନ୍ଦ୍ର ପତଙ୍ଗ (୯୪୩୭୩୯୧୧୯୨/୯୯୩୮୫୦୫୩୩)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ବିନା ଏନ୍‌ଓସିରେ ଚାଲିଛି ଘରୋଇ ବିଦ୍ୟାଳୟ

- ସୂଚୀରେ ୧୦ ବିଦ୍ୟାଳୟକୁ ଏନ୍‌ଓସି
- ଚିନ୍ତାରେ ଅଭିଭାବକ
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର

ରାୟଗଡ଼ା ଅଫିସ୍‌, ୧୧।୧୨

ରାୟଗଡ଼ା ଜିଲାରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ସରକାରୀ ନିୟମ ପାଳନ ହେଉନାହିଁ । ନୋ ଅବ୍‌ଜେକ୍‌ଶନ (ଏନ୍‌ଓସି)ନ ଥାଇ ଜିଲାରେ ଚାଲିଛି ଶତାଧିକ ଘରୋଇ ବିଦ୍ୟାଳୟ । ରାଜ୍ୟ ସରକାର ଏହା ସ୍ପଷ୍ଟ କରିବାପରେ ଅଭିଭାବକ ମହଲରେ ଚିନ୍ତା ବଢ଼ିଯାଇଛି । ରାଜ୍ୟ ସରକାର ଗତ ୬ତାରିଖରେ ଏନ୍‌ଓସି ପାଇଥିବା ଘରୋଇ ବିଦ୍ୟାଳୟଗୁଡ଼ିକର ଏକ ସୂଚୀ ଜାରି କରିଛନ୍ତି । ଏଥିରେ ରାୟଗଡ଼ା ଜିଲାରେ ମାତ୍ର ୧୦ଟି ବିଦ୍ୟାଳୟ ଏନ୍‌ଓସି ପାଇଛନ୍ତି । ରାୟଗଡ଼ା ସହର ଓ ବ୍ଲକ୍‌ର ୬ଟି ରହିଥିବା ବେଳେ ଗୁଣପୁରର ୨, ବିଷମକଟକ ଓ ମୁନିଗୁଡ଼ାର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଏନ୍‌ଓସି ମିଳିଛି। ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଦସ୍ତଖତରେ ଯେଉଁ ସୂଚୀ ଓ ନୋଟିସ୍ ଜାରି କରାଯାଇଛି ସେଥିରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି ଯେ, ଏନ୍‌ଓସି ନ ଥିବା ବିଦ୍ୟାଳୟଗୁଡ଼ିକରେ ନିଜ ପିଲାଙ୍କ ନାମ ଲେଖାନ୍ତୁ ନାହିଁ। ହେଲେ ଏଠି ପ୍ରଶ୍ନ ଉଠୁଛି, ଯେଉଁ ପିଲାମାନେ ଏନ୍‌ଓସି ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇ ଅଧ୍ୟୟନ କରୁଛନ୍ତି ସେମାନଙ୍କ ଭବିଷ୍ୟତ କ'ଣ ହେବ। କାରଣ ଉକ୍ତ ପିଲାମାନେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ବର୍ତ୍ତମାନ ପାଠ ପଢୁଛନ୍ତି । ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ସେମାନେ କ'ଣ କରିବେ। ସରକାରଙ୍କ ସ୍ପଷ୍ଟ ନିୟମ ଥିବା ସତ୍ତ୍ୱେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ଏନ୍‌ଓସି ପାଇଁ ଆବେଦନ କଲେ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଜିଲା ଶିକ୍ଷା ବିଭାଗର ସ୍ଥାଣୁତା ଯୋଗୁ ହଜାର ହଜାର ପିଲାଙ୍କ ଭବିଷ୍ୟତ ବର୍ତ୍ତମାନ ଅନ୍ଧାରରେ । ଛତୁ ଫୁଟିଲା ଭଳି ବିଦ୍ୟାଳୟଗୁଡିକ ଖୋଲାଯାଇଥିବାବେଳେ ଶିକ୍ଷା ବିଭାଗ ତଦାରଖ କରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଯେଉଁ ବିଦ୍ୟାଳୟଗୁଡିକ ଖୋଲାଯାଇଛି, ସେଥିରୁ ୮୦ପ୍ରତିଶତ ବିଦ୍ୟାଳୟର ଭିତ୍ତିଭୂମି ନାହିଁ । ବିଦ୍ୟାଳୟ ପାଇଁ ଆବଶ୍ୟକ ସରଞ୍ଜାମ ନାହିଁ। ବସିବା ପାଇଁ କୋଠରି ନାହିଁ ଓ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ନାହାନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ଆମର ହସ୍ତଗତ ହୋଇଛି । ତାହା ଆମେ ଅନୁଧ୍ୟାନ କରୁଛୁ । ଅନୁଧ୍ୟାନ ପରେ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଏନ୍‌ଓସି ନ ଥିବା ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ମାନବାଧିକାର ଦିବସ ପାଳିତ

ରାୟଗଡା ଅଫିସ୍, ୧୧।୧୨–

ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ ପାଳିତ ହୋଇଛି। ଏଥିରେ ଜିଲା ଦୌରାଜଜ୍ ବିଶ୍ୱଜିତ ଦାସ ସଭାପତିତ୍ୱ କରିଥିବା ବେଳେ ମାନବାଧିକାର ଦିବସ ପାଳନର ଉଦ୍ଦେଶ୍ୟ, ମହତ୍ୱ ଓ ଆଇନ୍‌ର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଗୁହା ପୁନମ ତାପସ କୁମାର, ଏସ୍‌ପି ରାହୁଲ ପିଆର୍, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମୃତ ଋତୁରାଜ, ଜ୍ଞାନେନ୍ଦ୍ର କୁମାର ବାରିକ, ବରିଷ୍ଠ ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳୀ ନାୟକ, ଉପଜିଲାପାଳ ପ୍ରବୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଇନ୍‌ସେବା ପ୍ରାଧିକରଣର ସମ୍ପାଦକ ହୃଷିକେଶ ସାହୁ ଉପସ୍ଥିତରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୬ ବାଇକ୍ ସହ ଅଭିଯୁକ୍ତ ଗିରଫ



ମୁନିଗୁଡା,୧୧।୧୨- ରାୟଗଡ଼ା ଜିଲା ମୁନିଗୁଡା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଗତ କିଛିଦିନ ହେବ ଚୋରି ହୋଇଥିବା ବାଇକ୍‌ଗୁଡିକ ମଧ୍ୟରୁ ୬ଟି ବାଇକ୍ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଚନ୍ଦ୍ରପୁର ଥାନାର ଛିଛିପଙ୍ଗା ଗ୍ରାମର କୁନା କୁମୁରୁକା । ଗତ ୧ ତାରିଖରେ ମୁନିଗୁଡ଼ା ରେଲଷ୍ଟେଶନ ନିକଟରେ ଥିବା କଟକଚଣ୍ଡି ହୋଟେଲ ସମ୍ମୁଖରୁ ମାଧବ ନାଗଙ୍କ ଡିସ୍‌କଭରୀ ବାଇକ୍ ଚୋରି ହୋଇଥିଲା। ସେ ଏ ନେଇ ମୁନିଗୁଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମୁନିଗୁଡା ଥାନାରେ ୨୮୭/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ୯ ତାରିଖରେ ମନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଓ ଆଇଆଇସି ରାମେଶ୍ୱର ପ୍ରଧାନଙ୍କ ମିଳିତ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଅମ୍ବାଦଳା ଥାନା ଅନ୍ତର୍ଗତ ଜଗଦଲପୁର ନିକଟରେ କୁନାଙ୍କୁ ଚୋରି ବାଇକ ସହ ଗିରଫ କରିଥିଲା। କୁନା ଛଅଟି ବାଇକ୍ ଚୋରି କରିଥିବା ସ୍ୱୀକାର କରିଛନ୍ତି। ତାଙ୍କୁ କୁମୁରାକୁ ବିଷମକଟକ କୋର୍ଟକୁ ଚାଲାଣ କରାଯାଇଥିବା ମୁନିଗୁଡା ଏସ୍‌ଡିପିଓ ହୋତା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ



ରାୟଗଡା ଅଫିସ୍, ୧୧।୧୨- ସ୍ଥାନୀୟ ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ବିଦ୍ୟାଳୟ ସଭାପତି ହୃଦୟାନନ୍ଦ ପଣ୍ଡା ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିଶୁମାନଙ୍କ ଶାରୀରିକ ବିକାଶ ସହିତ ନିରୋଗୀ ରହିବା ନିମନ୍ତେ କ୍ରୀଡ଼ା ପ୍ରତିଯୋଗିତା ଆବଶ୍ୟକତା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ସୁନୀଲ ମହାପାତ୍ର ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ, ଦୌଡ଼, ତ୍ରିଭୁଜ, ଥାଳିଆ ଫିଙ୍ଗା, ଗୋଳାଫିଙ୍ଗା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଉପସ୍ଥିତ ଥିବା ବେଳେ ଅନ୍ୟ ଗୁରୁଜୀଗୁରୁମାମାନେ କ୍ରୀଡା ଉତ୍ସବୁ ପରିଚାଳନା କରିଥିଲେ ।

### ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ




ରାୟଗଡା ଅଫିସ୍, ୧୧।୧୨- ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ରାୟଗଡା ଡିଭିଜନର ୨୦୧୯ବର୍ଷ ନିମନ୍ତେ କର୍ମକର୍ତ୍ତା ଚୟନ ହୋଇଛି । ଏଥିରେ ଡିଭିଜନ ସମ୍ପାଦକ ଭାବେ ବିଜୟ କୁମାର ରାଉଳ, ସହ ସମ୍ପାଦକ ବି.କେ ସେନାପତି, ସଙ୍ଗଠନ ସମ୍ପାଦକ ପ୍ରଫୁଲ୍ଲ ମହାଲିକ, ସହ ସଙ୍ଗଠନ ସମ୍ପାଦକ ଅଜୟ କୁମାର ପାଣିଗ୍ରାହୀ, ଅଫିସ୍ ସମ୍ପାଦକ ଏମ୍.ପ୍ରଭାକର, କୋଷାଧ୍ୟକ୍ଷ ଏସ୍.ମନୋଜ କୁମାରଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗରେ ଯେଉଁ ପରିଚାଳନାଗତ ତ୍ରୁଟି ଚାଲିଛି ତାହାକୁ ନେଇ ସଂଘର କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେଣୁ ଆଗାମୀ ଅଧିବେଶନ ପରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମହାସଂଘ କାର୍ଯ୍ୟକାରୀ ସଭାପତି ଦିନବନ୍ଧୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଦକ୍ଷିଣାଞ୍ଚଳ ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ ।

## ଧାନମଣ୍ଡି ଉଦ୍‌ଘାଟିତ


ଉଦଘାଟନ ଅବସରରେ ଅତିଥି ଏବଂ ଅନ୍ୟମାନେ ।

ଚନ୍ଦ୍ରପୁର, ୧୧।୧୨(ଡି.ଏନ.ଏ)–

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡାରେ ମଙ୍ଗଳବାର ବୃହଦାକାର ବହୁମୁଖୀ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ବ୍ଲକର ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଏଫ୍‌କ୍ୟୁ ଧାନ କୁଇଣ୍ଟାଲ ପିଛା ୧୭୫୦ଟଙ୍କା, ଫାଇନ ଧାନ କୁଇଣ୍ଟାଲ ପିଛା ୧୭୭୦ଟଙ୍କା ହିସାବରେ ଲ୍ୟାମ୍ପସକୁ ବିକ୍ରିକରି ଏବାବଦ ଅର୍ଥ ପାଇପାରିବେ । ଧାନ ବିକ୍ରିର ୩ଦିନ ମଧ୍ୟରେ ଚାଷୀଙ୍କ ଜମାଖାତାରେ ଟଙ୍କା ଜମା କରାଯିବ ବୋଲି ବୃହଦାକାର ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ନବୀନ କୁମାର ବେହେରା କହିଛନ୍ତି। ଏଥିରେ ମୁଖ୍ୟଅତିଥିଭାବେ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ଦିବାକା, ସମ୍ମାନିତ ଅତିଥିଭାବେ କୃଷି ଅଧିଦର୍ଶକ ରଜନୀ ମିଶ୍ର, ରାଜସ୍ୱ ନିରୀକ୍ଷକ ହରେରାମ ହୋତା, ଲ୍ୟାମ୍ପସ ନିର୍ଦ୍ଦେଶକ ଦୟାନିଧି ପାତ୍ର, ଗୁଣପୁର ଆର୍‌ଏମ୍‌ସିର ଅମୂଲ୍ୟ ଚନ୍ଦ୍ର ଗୁରୁ ଯୋଗଦେଇ ଥିଲେ। ପ୍ରମୋଦ ସାହୁକାର, ବିଷ୍ଣୁ ପ୍ରସାଦ ପାତ୍ର, ସୁରେଶ ଶବର, କରୁଣାକର ପାତ୍ର, ଦ୍ରୋଣ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଡ କମିଶନ ଅଧ୍ୟକ୍ଷଙ୍କ ଦାରିଙ୍ଗବାଡ଼ି ଗସ୍ତ

ଦାରିଙ୍ଗବାଡ଼ି,୧୧।୧୨(ଡି.ଏନ.ଏ)

ଫୁଡ କମିଶନ ଅଧ୍ୟକ୍ଷ ରଙ୍ଗଲାଲ୍ ଜାମୁଡ଼ା ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ ଗସ୍ତରେ ଆସିଥିଲେ। ସେ ବିଭିନ୍ନ ପଞ୍ଚାୟତ ବୁଲି ପ୍ରକଳ୍ପ ଗୁଡ଼ିକ ଦେଖିଥିଲେ। ଶ୍ରୀନିକେତା ପଞ୍ଚାୟତ ଇର୍ପିସରୁରେ ଏ ମ ଜି ଏ ନ ଇ ଅ । ର ଇ ଜି ଏ ସ ରେ ଖୋଲାଯାଇଥିବା ଏକ କୂଅ କାର୍ଯ୍ୟ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସୁଲୁମାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ସେହିପରି କିରିକୁଟି ପଞ୍ଚାୟତ ଆଦିବାସୀ ଗ୍ରାମରେ ଜଙ୍ଗଲଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କୁ ଭେଟି ତାଙ୍କ ଜମି ଚିହ୍ନଟ ହୋଇଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ତହସିଲଦାର ନିତିଶ୍ ତ୍ରିପାଠୀଙ୍କ ସହ ଉକ୍ତ ଜଙ୍ଗଲ ଜମି ଚିହ୍ନଟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲଜମି ପାଇଥିବା ସମସ୍ତ ହିତାଧିକାରୀଙ୍କ ପାଇଁ ଶୀଘ୍ର ଜମି ଚିହ୍ନଟ କରିବାକୁ ସେ ପରାମର୍ଶ ଦେଇଥିଲେ। ଦାରିଙ୍ଗବାଡ଼ି ସିଡିପିଓ ମିନା ପତ୍ରଙ୍କ, ଯୋଗାଣ ନିରିକ୍ଷକ ମଳୟ କୁମାର ମେହେର, ଜିଲା ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକଙ୍କ ସହ ସାଧାରଣ ବଣ୍ଟନ ଓ ରାଶନ କାର୍ଡ଼ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

## ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ମୁନିଗୁଡ଼ା,୧୧।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡା, ଉପାଧ୍ୟକ୍ଷା ଧର୍ମିଷ୍ଠା ସାମନ୍ତ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ତହସିଲଦାର ଦେବାଶିଷ ଗୌଡ଼, ଥାନା ଏସ୍.ଆଇ. ତପନ କୁମାର ମାହାଲି ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୧୪ ତାରିଖରେ ତହସିଲ ପଡିଆଠାରେ ଉକ୍ତ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ କିପରି ସଫଳତାର ସହ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରିଥିଲେ । ଏଥିସହ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁନିଖୋଲ ଡଙ୍ଗରିଆ ନୃତ୍ୟ, ଶିବପଦରରୁ ମେରିଆ ପର୍ବ ଲୋକନୃତ୍ୟ, କରଡାବନ୍ଧ ଗ୍ରାମରୁ ଆଦିବାସୀଙ୍କ ଲୋକ ନୃତ୍ୟ ଓ ଢେମସା ନୃତ୍ୟ ସହ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମଧ୍ୟ ଲୋକ ନୃତ୍ୟ ପରିବେଷଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ସେହିପରି ପଡୋଶୀ ଜିଲା କନ୍ଧମାଳର ମଧ୍ୟ ନୃତ୍ୟ ଦଳ ସାମିଲ ହେବେ ବୋଲି ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ନୁଣ୍ଡୁକା ସୂଚନା ଦେଇଥିଲେ । ଏଥିସହ ଡିକେଡିଏ ତରଫରୁ ଆଦିବାସୀଙ୍କ ବିଭିନ୍ନ ହାତତିଆରି ଜିନିଷର ପ୍ରଦର୍ଶନୀ ଷ୍ଟଲ ଲଗାଯିବ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁ, କନିଷ୍ଠ ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ ।


ବୈଠକରେ ଆଲୋଚନା କରାଯାଉଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ଟିକିରି,୧୧।୧୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନ ଧରି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଆଇସିଆଇସିଆଇ ବ୍ୟାଙ୍କ ପରିଚାଳକ ସତ୍ୟବ୍ରତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୩ ଭାଗରେ ବିଭକ୍ତ କରାଯାଇ ଶିଶୁ ବାଲ କିଶୋର ବର୍ଗରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲମ୍ଫଡିଆ, ଉଚ୍ଚଡିଆ, ଦଉଡିଡିଆଁ, ଥାଳିଆ ଫିଙ୍ଗା, ସଟ୍‌ପୁଟ, ଡିସ୍‌କସ୍, ଦୌଡ଼କୁଦରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ପ୍ରତି ବର୍ଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତା ହୋଇଥିବା ପିଲାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଖେଳରେ ବିଜେତା ଛାତ୍ରୀଛାତ୍ରମାନଙ୍କୁ ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ନାୟକ, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଗିରିରେ 'ଟୁର୍ ଦି କଳିଙ୍ଗ' ଅଭିଯାତ୍ରୀ ଦଳ

ଚନ୍ଦ୍ରଗିରି,୧୧।୧୨(ଡି.ଏନ୍.ଏ.)

ରୁଟ୍‌ସ୍ ଅଫ ଓଡିଶା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ବାର୍ଷିକ ସାଇକେଲିଂ ଇଭେଣ୍ଟ 'ଟୁର୍ ଦି କଳିଙ୍ଗ' ଟିମ୍ ଗଜପତି ଜିଲା ମୋହନା ବ୍ଲକସ୍ଥିତ ଚନ୍ଦ୍ରଗିରିରେ ସୋମବାର ସନ୍ଧ୍ୟାରେ ପହଞ୍ଚିଥିଲା । ଏହି ଟିମ୍ ରବିବାର ବିଳମ୍ବିତ ସନ୍ଧ୍ୟାରେ ପୁରୀ ଜିଲା ସାତପଡାରୁ ବାହାରି ଚନ୍ଦ୍ରଗିରିରେ ପହଞ୍ଚିବାପରେ ପୁଣି ମଙ୍ଗଳବାର ସକାଳୁ ଗଣ୍ଡାହାତୀ ଏବଂ ପାରଳାଖେମୁଣ୍ଡି ଅଭିମୁଖେ ଯାତ୍ରା କରିଥିଲେ। ଏହି ଦଳ ୫ଟି ପ୍ରସଙ୍ଗରେ ଯଥା ଜନ୍ମ ମୃତ୍ୟୁହାର, ସମସ୍ତଙ୍କ ପାଇଁ ଶିକ୍ଷା, ତମାଖୁ ବର୍ଜନ, ନୂତନ ଭାରତ ନିର୍ମାଣ ସକାଶେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ପରିବର୍ତ୍ତନ ପାଇଁ ଯୁବଗୋଷ୍ଠୀ ଭଳି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରାଯାଉଥିବା ଆବାହକ ତଥା ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର କହିଛନ୍ତି ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ


ଛାତ୍ରୀମାନେ ତାଲିମ ନେଉଛନ୍ତି।

ଗୁଣପୁର,୧୧।୧୨(ଡି.ଏନ.ଏ)

ଗୁଣପୁର ଯୁକ୍ତ ୩ ଥାୟାରାମା ମହିଳା ମହାବିଦ୍ୟାଳୟରେ ସୋମବାରଠାରୁ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ସରୋଜ କୁମାର ସିୟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପକ ଦୁର୍ଗାପ୍ରସାଦ କର ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ୧୨୮ ଜଣ ଛାତ୍ରୀ ତାଲିମ ନେବାକୁ ଥିବାବେଳେ ୧୩ ଦିନ ଧରି ଶିବିର ଚାଲିବ। ମାଷ୍ଟର ଟ୍ରେନର ଭାବେ ଗୁଣପୁର କଲେଜର ସ୍ୱପ୍ନା ବିଡିକା ଏବଂ ଅବିଗଲ ଶବର ତାଲିମ ପ୍ରଦାନ କରୁଛନ୍ତି।

## ବିଶ୍ୱହିନ୍ଦୁ ପରିଷଦର ପ୍ରସ୍ତୁତି ବୈଠକ


ବିଶ୍ୱହିନ୍ଦୁ ପରିଷଦର ବୈଠକ ଚାଲିଛି।

ଗୁଣପୁର,୧୧।୧୨(ଡି.ଏନ.ଏ)–

ଗୁଣପୁର ସହରସ୍ଥ କନ୍ୟକା ପରମେଶ୍ୱରୀ ମନ୍ଦିରରେ ବିଶ୍ୱହିନ୍ଦୁ ପରିଷଦର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣାର୍ଥେ ଆସନ୍ତା ୩୧ତାରିଖରେ କୋରାପୁଟ ଜିଲା ଜୟପୁରର ଦଶହରା ପଡିଆରେ ବିଶାଳ ହିନ୍ଦୁ ସମ୍ମିଳନୀ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ବିଶ୍ୱହିନ୍ଦୁ ପରିଷଦର ବୈଠକ ହୋଇ ଜୟପୁର କାର୍ଯ୍ୟକ୍ରମ କିପରି କରାଯିବ ଓ ସେଠାକୁ କିଭଳି ଗୁଣପୁର ଅଞ୍ଚଳରୁ ବହୁସଂଖ୍ୟକ ଲୋକ ଯିବେ ସେନେଇ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ଧାର୍ମିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଏକ କମିଟି ଗଠନ କରାଯାଇଥିଲା। ଗୁଣପୁର ବ୍ଲକ ସଂଯୋଜକ ଭାବେ ନରସିଂହ ପଟ୍ଟନାୟକ, ସହସଂଯୋଜକ ବସନ୍ତ ମିଶ୍ର, ନଳିନୀ ମହାନ୍ତି ଏବଂ କିଶୋର ଜେନା ମନୋନୀତ ହୋଇଥିଲେ। ସଦସ୍ୟ ଭାବେ ବୁଡ ଶବର, ଯାତ୍ରା ଶବର, ବାଲୁ ପାଢୀ, ଗୋବିନ୍ଦ ଚୌଧୁରୀ, ରଜତ ପାଢୀ, ଲକ୍ଷ୍ମୀ ଶ୍ରୀରାମ ଏବଂ ତପସ୍ୱିନୀ ସାହୁ ପ୍ରମୁଖ ରହିଛନ୍ତି। ବୈଠକରେ ବିଶ୍ୱହିନ୍ଦୁ ପରିଷଦର ବଳରାମ ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୀମାଞ୍ଚଳ କର, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପାଢୀ, ମୁଖ୍ୟବକ୍ତା ଭାବେ ତ୍ରିପତି ମହାନ୍ତି ଯୋଗଦେଇ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣର ଆବଶ୍ୟକତା ଉପରେ କହିଥିଲେ। ଆର୍‌ଏସ୍‌ଏସ୍‌ର ଜିଲା ପ୍ରଚାରକ ଅଜିତ ବେହେରା , , ନରସିଂହ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଧାନ କଳେଇ ଜଳିଗଲା

ବେଗୁନିଆପଡ଼ା,୧୧।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଇ ପଞ୍ଚାୟତର ତିରିଡ଼ା ଗ୍ରାମରେ ନିଆଁ ଲାଗି ୪ ଏକର ଜମିର ଧାନ କଳେଇ ଜଳିଯାଇଛି। ମାୟା ପ୍ରଧାନଙ୍କ ୩ ଏକର ଜମି, ସୁର ସେଠୀଙ୍କ ୧ ଏକର ଜମିର ଧାନ କଳେଇ ରଖିଥିଲେ । ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ଏଥିରେ ନିଆଁ ଲାଗି ଯାଇଥିଲା। କୋଦଳା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାୟା ଓ ସୁର ମଙ୍ଗଳବାର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

- ଅଡିଟୋରିୟମ, ନଗର ଭବନ ନିର୍ମାଣ ପ୍ରସଙ୍ଗ

## ପୌରସଂସ୍ଥା ପରିସରରେ ଦୁଇ ଭବନ ନିର୍ମାଣରେ ମୋହର

ଜେକେପୁର,୧୧।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ସଦର ମହକୁମାରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନକୁ ଭାଙ୍ଗି ସେଠାରେ ନୂତନ ଭାବେ ନିର୍ମାଣ କରାଯିବାକୁ ଥିବା ବିଜୁ ପଟ୍ଟନାୟକ ଅଡିଟୋରିୟମ ପ୍ରସଙ୍ଗରେ ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୫୩୬୧/୧୦/୧୨/୧୮ ଅନୁଯାୟୀ ଅଡିଟୋରିୟମ ନିର୍ମାଣକୁ ନେଇ ପିଟିଶନ ଦାଏର କରିଥିବା ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାସ, ସିଟି ଡେଭଲପମେଣ୍ଟ କମିଟି ଆବାହକ ସୁନୀଲ କର ଓ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ସମେତ କମିଟିର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ସିଟି ଡେଭଲପମେଣ୍ଟ କମିଟି ଓକିଲ ସୁନୀଲ କର,ବରିଷ୍ଠ ନାଗରିକ ଜୟରାମ ଜେନା,ବିନାୟକ କର,ଅଶୋକ ପଣ୍ଡା ପ୍ରମୁଖ ଅତ୍ୟାଧୁନିକ ସୁବିଧାଯୁକ୍ତ ଅଡିଟୋରିୟମ ଏବଂ ପାର୍କିଂ ବ୍ୟବସ୍ଥା ସହ ନୂତନ ନଗର ଭବନ ନିର୍ମାଣ ପୂର୍ବ ନିର୍ଦ୍ଧାରିତ ପୌରସଂସ୍ଥା ପରିସର ମଧ୍ୟରେ ହିଁ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ଜିଲା କଂଗ୍ରେସ କମିଟି ସଭାପତି ପଣ୍ଡା ଉପସଭାପତି ସୁନୀଲ ପଣ୍ଡା ଓ କାଉ୍ରକା ଆପଲାସ୍ୱାମୀ ପ୍ରମୁଖ ନଗର ଭବନ ଓ ଅଡିଟୋରିୟମ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ ସର୍ବସମ୍ମତି କ୍ରମେ ପୌରସଂସ୍ଥା ପରିସରରେ ହିଁ ଉଭୟ ଭବନ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଛି। ନଗର ଭବନ ନିର୍ମାଣ ଶେଷ ପର୍ଯ୍ୟନ୍ତ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ଭଡ଼ା ଆକାରରେ ବର୍ତ୍ତମାନ ସଭାକାର୍ଯ୍ୟ ପାଇଁ ୫ହଜାର ଟଙ୍କା ବଦଳରେ ୨ହଜାର ଟଙ୍କା ଓ ବିବାହ,ବ୍ରତ କାର୍ଯ୍ୟଗୁଡିକ ପାଇଁ ୭ହଜାର ଟଙ୍କା ପରିବର୍ତ୍ତେ ୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ସ୍ଥାନୀୟ ଜିଲା ସଂସ୍କୃତି ଭବନ କକ୍ଷକୁ ମଧ୍ୟ ସଭା ପାଇଁ ୨ଶହ ଟଙ୍କା ଭଡ଼ା ଦିଆଯାଇ ସାଧାରଣ ଜନତା ବ୍ୟବହାର କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଉପଜିଲାପାଳ ପ୍ରବୀର କୁମାର ନାୟକ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ,ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅତିଥିମାନେ ।